## ସଂକ୍ଷେପରେ

### ବସ୍ ଧକ୍କାରେ ଯୁବକ ମୃତ
## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଗଞ୍ଜାମ,୨୭।୪(ଡି.ଏନ.ଏ.):** ରମ୍ଭା ଥାନା ୧୬ ନଂ. ଜାତୀୟ ରାଜପଥ ରାଜୁ ଢାବା ସମ୍ମୁଖରେ ଶନିବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଯୁବକ ମୃତ୍ୟୁ ଘଟିଛି। ସେ ହେଲେ ବୁରୁଡ଼ି ଗ୍ରାମର ତପନ ନାହାକ (୪୦)। ମୃତ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୧୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ରମ୍ଭା ଥାନାଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ହୁମ୍ମା ଫାଣ୍ଡି ଅଧିକାରୀ ନରହରି ବିଶୋଇ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଶୁଣିନଥିଲେ।। ପରେ ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ, ଛତ୍ରପୁର ଆଇଆଇସି ପ୍ରିୟସ୍ ରଞ୍ଜନ ଛୋଟରାଏ ପ୍ରମୁଖ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଦେବା ପାଇଁ ଧାରଣାକାରୀମାନେ ଜିଦ୍ ଧରିଥିଲେ। ଶେଷରେ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ଘଟଣାସ୍ଥଳ ଆସି ପରବର୍ତ୍ତୀ ସମୟରେ ଏ ନେଇ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ତପନ କୌଣସି କାମରେ ରମ୍ଭା ଯାଉଥିବା ବେଳେ ଭୁବନେଶ୍ୱରରୁ ବ୍ରହ୍ମପୁର ଆସୁଥିବା ଯାତ୍ରୀବାହୀ ବସ୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ରମ୍ଭା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇବା ସହ ବସ୍ ଓ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ସିନିୟର ସିଟିଜେନ୍ ଫୋରମ୍ ବୈଠକ

**ବ୍ରହ୍ମପୁର ଅଫିସ,୨୭।୪:** ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନସ୍ ଫୋରମ ବୈଠକ ଶନିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଏପ୍ରିଲ ମାସରେ ଜନ୍ମ ହୋଇଥିବା ସଦସ୍ୟମାନଙ୍କୁ ଶୁଭେଚ୍ଛା ଜ୍ଞାପନ ଓ ଏହି ଅବସରରେ ବୟୋଜ୍ୟେଷ୍ଠ ସଭ୍ୟ ବିନୋଦ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ଭୀଷ୍ମାଚାର୍ଯ୍ୟ ଚୌଧୁରୀ ହିସାବ ଉପସ୍ଥାପନ କରିଥିଲେ । ବିଭିନ୍ନ ଆଲୋଚନାରେ ନରସିଂହ ପାଣିଗ୍ରାହୀ, ଡ଼ି. ଆପ୍ପାରାଓ, ଜୟନ୍ତୀ ଲାଲ ଚୌହାନ, ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ଜେନା, ସୌମିକ୍ ସାହୁ, ମନମୋହନ ପରିଚ୍ଛା, ଅଶୋକ ସାହୁ, ନବୀନ କୁମାର ପଟ୍ଟନାୟକ ଓ ପ୍ରଭାକର ସାହୁ ପ୍ରମୁଖ ଭାଗ ନେଇଥିଲେ ।

## ବରିଷ୍ଠ ନାଗରିକଙ୍କୁ ହେଲ୍ଥ କାର୍ଡ

**ପାରଳାଖେମୁଣ୍ଡି, ୨୭।୪ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବରିଷ୍ଠ ନାଗରିକଙ୍କୁ ଶନିବାର ସ୍ୱାସ୍ଥ୍ୟ ସୁରକ୍ଷା କାର୍ଡ ବଣ୍ଟନ କରାଯାଇଛି । ଏହାଦ୍ୱାରା ପାରଳାଖେମୁଣ୍ଡି ସହରର ବରିଷ୍ଠ ନାଗରିକ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ଏବଂ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା ବିନାଦେୟରେ କରାଇପାରିବେ । ଏହି କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ମିଶ୍ର, ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଭି.ଏଲ୍.ଏନ୍.ରାଜୁଙ୍କ ସମେତ ସହରର ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ ।

## ପାରଳାଖେମୁଣ୍ଡି ପାଲଟିଛି ଉତ୍ତପ୍ତ ସହର

**ପାରଳାଖେମୁଣ୍ଡି, ୨୭।୪ (ସ୍ୱ.ପ୍ର.) :** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଉତ୍ତାପ ବଢୁଥିବାବେଳେ ଏଠାରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ସ୍ଥାନରେ ଜଳଛତ୍ରର ଅଭାବ ଦେଖାଦେଇଛି। ବିଗତ ବର୍ଷମାନଙ୍କରେ ହୋଇଥିବା ଗ୍ରୀଷ୍ମ ପ୍ରବାହ ଚଳିତ ବର୍ଷ ଅଲଗା। ଚଳିତବର୍ଷ ତିତ୍‌ଲି ବାତ୍ୟା ଓ ରାସ୍ତା ପ୍ରଶସ୍ତୀକରଣ ଯୋଗୁ ସହରରେ ଅନେକ ଗଛ କଟାଯାଇଛି। ଫଳରେ ଏହା ପାଣିପାଗକୁ ପ୍ରଭାବିତ କରିଛି। ଏଥିଯୋଗୁ ଏହି ସହର ଚଳିତବର୍ଷ ଏକ ଉତ୍ତପ୍ତ ସହରରେ ପରିଣତ ହୋଇଛି।

■ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ

# କାମଚଳା ଅଧକ୍ଷାଙ୍କୁ ପୁଣି ଦାୟିତ୍ୱ

**ବ୍ରହ୍ମପୁର ଅଫିସ,୨୭।୪**

ପୁଣି ଥରେ ବଦଳିଲେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷା। ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଦେବଦତ୍ତା ମିଶ୍ରଙ୍କର କଟକସ୍ଥିତ ଜାତୀୟ କବି ବୀର କିଶୋର (ଜେକେବିକେ) ମହାବିଦ୍ୟାଳୟକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଅଧକ୍ଷା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଫେସର ପ୍ରମିଳା ଖାଡ଼ଙ୍ଗା। ତାଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ସେ ଭାରପ୍ରାପ୍ତ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ମଧ ପ୍ରଫେସର ଖାଡ଼ଙ୍ଗା ୨୦୧୬ରେ ମାତ୍ର ୪ ଦିନ ପାଇଁ ଭାରପ୍ରାପ୍ତ ଅଧକ୍ଷା ଦାୟିତ୍ୱରେ ରହିଥିଲେ। ଡିସେମ୍ବର ୪ରୁ ୮ତାରିଖ ଥିଲା ତାଙ୍କ କାର୍ଯ୍ୟକାଳ ଅବଧି। ବ୍ରହ୍ମପୁରର ଅନ୍ୟତମ ପୁରାତନ ଏହି ଶିକ୍ଷାନୁଷ୍ଠାନ ଅନେକ ବର୍ଷ ହେଲା ସରକାରୀ ଅବହେଳାର ଶିକାର ହେଉଛି। କେବଳ ଗଞ୍ଜାମ ନୁହେଁ, ଦକ୍ଷିଣ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଏହି କଲେଜରେ ଜଣେ ସ୍ଥାୟୀ ଅଧକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ନିଯୁକ୍ତି ଦିଆଯାଉନାହିଁ । କାଳଚଳା ଅଧକ୍ଷଙ୍କୁ ଦାୟିତ୍ୱ ଦେଇ ରାଜ୍ୟ ସରକାର ଚୁପ୍ ବସୁଛନ୍ତି। ଏହି ଅସ୍ଥାୟୀ ଅଧକ୍ଷଙ୍କ କାର୍ଯ୍ୟକାଳ ଖୁବ୍ କମ୍ ଦିନ ରହୁଥିବା ଯୋଗୁ ମହାବିଦ୍ୟାଳୟର ଉନ୍ନତି ହୋଇପାରୁ ନାହିଁ । ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କିମ୍ବା ଭିତ୍ତିଭୂମି ଉନ୍ନତି ଦିଗରେ ଅସ୍ଥାୟୀ ଅଧକ୍ଷମାନେ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିପାରୁ ନାହାନ୍ତି । ୨୦୧୪ ପରଠାରୁ ଜଣେ ହେଲେ ସ୍ଥାୟୀ ଅଧକ୍ଷଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏପରିକି ୩୮ବର୍ଷରେ ୨୬ ଜଣ ଅଧକ୍ଷଙ୍କ ମୁହଁ ଦେଖିସାରିଲାଣି ଉକ୍ତ ମହାବିଦ୍ୟାଳୟ।

ଗତ ବର୍ଷ ଅକ୍ଟୋବର ୩୧ତାରିଖରେ ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ସୂର୍ଯ୍ୟନାରାୟଣ ସାହୁ ଅବସର ଗ୍ରହଣ କରିଥିଲେ। ତାଙ୍କ ସ୍ଥାନରେ ଡ. ଦେବଦତ୍ତା ମିଶ୍ରଙ୍କୁ ଭାରପ୍ରାପ୍ତ ଅଧକ୍ଷା ଦାୟିତ୍ୱ ଦିଆଯାଇଥିଲା। ଦାୟିତ୍ୱ ଗ୍ରହଣର ମାତ୍ର ୬ ମାସ ଅର୍ଥାତ୍ ଗତ ୨୫ତାରିଖରେ ଡ. ମିଶ୍ରଙ୍କର କଟକକୁ ବଦଳି ହୋଇଛି। ଦେଖିବାକୁ ଗଲେ ପ୍ରଫେସର ସାହୁଙ୍କ କାର୍ଯ୍ୟକାଳ ମଧ୍ୟ ଅଧିକ ଦିନ ନ ଥିଲା। ସେ ୨୦୧୭ ଅଗଷ୍ଟ ୧ ତାରିଖରେ ଭାରପ୍ରାପ୍ତ ଅଧକ୍ଷ ଦାୟିତ୍ୱ ସମ୍ଭାଳିଥିଲେ, ଅର୍ଥାତ୍ ତାଙ୍କ କାର୍ଯ୍ୟକାଳ ଥିଲା ମାତ୍ର ୧୫ମାସ । ଡ. ମିଶ୍ରଙ୍କ କାର୍ଯ୍ୟକାଳୟ ଥିଲା ମାତ୍ର ଛ'ମାସ। ଏହା ପୂର୍ବରୁ ମଧ୍ୟ ଥରେ ଡ. ମିଶ୍ର ଭାରପ୍ରାପ୍ତ ଅଧକ୍ଷ ଦାୟିତ୍ୱ ସମ୍ଭାଳିଛନ୍ତି। ୨୦୧୬ ଡିସେମ୍ବର ୯ତାରିଖରୁ ୨୦୧୭ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ସେ ଅଧକ୍ଷା ପଦରେ ଥିଲେ। କେବଳ ଏହି ଦୁଇଜଣ ନୁହନ୍ତି, ଗତ ଅନେକ ବର୍ଷ ହେଲା ମହାବିଦ୍ୟାଳୟରେ ଏହି ଧାରା ଜାରି ରହିଛି। ଆହୁରି ପୂର୍ବକୁ ଗଲେ ଜଣାପଡୁଛି, ଡ. ମହେନ୍ଦ୍ର ମିଶ୍ର ୨୦୧୪ ଅକ୍ଟୋବର ୧୭ରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଭାରପ୍ରାପ୍ତ ଅଧକ୍ଷ ଦାୟିତ୍ୱରେ ରହିଛନ୍ତି। ମହାବିଦ୍ୟାଳୟର ଶେଷ ସ୍ଥାୟୀ ଅଧକ୍ଷା ଥିଲେ ଡ. ରୋଶନଆରା ବେଗମ୍। ତାଙ୍କ କାର୍ଯ୍ୟକାଳ ୨୦୧୪ ମାର୍ଚ୍ଚ ୧୪ରୁ ଅକ୍ଟୋବର ୧୬ତାରିଖ ପର୍ଯ୍ୟନ୍ତ ଥିଲା। ହେଲେ ତାଙ୍କ ପରଠୁ ଆଉ କାହାରିକୁ ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇ ନାହିଁ । ସମସ୍ତେ ହେଉଛନ୍ତି ଅସ୍ଥାୟୀ ବା କାମଚଳା ଅଧ୍ୟକ୍ଷ ।

୧୯୮୧ରେ ପ୍ରତିଷ୍ଠା ହୋଇଥିଲା ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ। ମାତ୍ର ୩୮ବର୍ଷର ଇତିହାସ ଭିତରେ ସମ୍ପୃକ୍ତ ମହାବିଦ୍ୟାଳୟରେ ୨୬ଜଣ ଅଧକ୍ଷ ପଦରେ ରହିଲେଣି । ଉଚ୍ଚ ଶିକ୍ଷା ବିଭାଗ ତରଫରୁ ସ୍ଥାୟୀ ଅଧକ୍ଷଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଜଣେ ଭାରପ୍ରାପ୍ତ ଅଧକ୍ଷ ବଦଳି ହେବା ପରେ ବଳକା ଅଧାପିକା ଅଧାପକଙ୍କ ମଧ୍ୟରୁ ଯିଏ ବରିଷ୍ଠ, ତାଙ୍କୁ ଅଧକ୍ଷ ଦାୟିତ୍ୱ ଦିଆଯାଉଛି। ତେବେ ସମସ୍ୟା ହେଲା, ସମ୍ପୃକ୍ତ ଭାରପ୍ରାପ୍ତ ଅଧକ୍ଷ ନିୟମିତ ଛାତ୍ରୀଛାତ୍ରଙ୍କୁ ପଢ଼ାଇବାକୁ ମଧ୍ୟ ପଡୁଛି। ଏଣୁ ଉଭୟ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବାରେ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷକୁ ବର୍ଷ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଛି। ପୂର୍ବରୁ କମ୍ ଛାତ୍ରୀଛାତ୍ର ଥିବା ବେଳେ ସ୍ଥାୟୀ ଅଧକ୍ଷଙ୍କୁ ନିଯୁକ୍ତି ଦିଆଯାଉଥିଲା। ଏବେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଥିଲେ ମଧ ସ୍ଥାୟୀ ଅଧକ୍ଷ ନିଯୁକ୍ତି ଦିଆଯାଉନାହିଁ ।



ଭାରପ୍ରାପ୍ତ ଅଧକ୍ଷା ପ୍ରଫେସର ପ୍ରମିଳା ଖାଡ଼ଙ୍ଗା ।

■ଭାରପ୍ରାପ୍ତ ଅଧକ୍ଷା ହେଲେ ପ୍ରମିଳା
■୩୮ ବର୍ଷରେ ବଦଳିଲେଣି ୨୫ଜଣ
■ଜେକେବିକେକୁ ବଦଳି ହେଲେ ଅଧକ୍ଷା

# ବିବାହ ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ

## ୫ ଗୁରୁତର, ୭ ଆହତ

**ପାଟପୁର,୨୭।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ହିଞ୍ଜିଳି ଥାନା ଅନ୍ତର୍ଗତ ଆଡ଼ପଡ଼ା ଗ୍ରାମରେ ଶୁକ୍ରବାର ରାତିରେ ଏକ ବିବାହ ଶୋଭାଯାତ୍ରାରେ ୨ ଗୋଷ୍ଠୀ ମଧରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ଗୋଷ୍ଠୀର ୧୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ମଧ ପୁଣି ଉଭୟ ଗୋଷ୍ଠୀ ମାଡ଼ପିଟ ହୋଇଥିଲା। ଆହତମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ପ୍ରକାଶ ଯେ, ଆଡ଼ପଡ଼ାର ଦଣ୍ଡିଆ ପ୍ରଧାନଙ୍କ ପୁଅର ତାଙ୍କରି ଗ୍ରାମରେ ବିବାହ ନିମନ୍ତେ ଶୁକ୍ରବାର ରାତି ପ୍ରାୟ ୧ଟାରେ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବରଯାତ୍ରୀ ଦଳରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ସେମାନଙ୍କ ମଧରେ ଆକ୍ରମଣ ପ୍ରତିଆକ୍ରମଣ ହେବାରୁ ୧୨ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। କୌଣସି ପ୍ରକାରେ ବୁଝାଶୁଝା ପରେ ଗଣ୍ଡଗୋଳ ଥମିବାରୁ ଆହତମାନେ ଆଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ପୁଣି ଉଭୟ ଗୋଷ୍ଠୀ ମାରପିଟ ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ର କବାଟ କାଚ ଭାଙ୍ଗିଯାଇଛି।ପୋଲିସ ପହଞ୍ଚିବାରୁ ଉତ୍ତେଜନା ଥମିଥିଲା। ଆହତମାନଙ୍କ ମଧ୍ୟରୁ ଶିବ ପ୍ରଧାନ, ଲିଟୁ ପ୍ରଧାନ, ମିଥୁନ ଭୋଳ, ରଞ୍ଜନ ଭୋଳ, ଲକ୍ଷ୍ମୀ ପ୍ରଧାନଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ସେହିପରି ଦୀପକ ପ୍ରଧାନ, ପ୍ରଫୁଲ ପ୍ରଧାନ, ଶମ୍ଭୁ ପ୍ରଧାନ, ବିଜୟ ଭୋଳ, ପରିକ୍ଷିତ ଭୋଳ ଓ ଅନ୍ୟ ୨ ଜଣ ଆଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଦୁଇ ଗୋଷ୍ଠୀ ମଧ୍ୟରୁ କେହି ବି ଥାନାରେ ଏତଲା ଦେଇନାହାନ୍ତି। ପୋଲିସ ଆହତମାନଙ୍କ ବୟାନ ରେକର୍ଡ କରି ତଦନ୍ତ ଚଳାଇଛି ।


ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ନିଆଯାଉଛି ।

## ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର କ୍ଷେତ୍ରୀୟ ଗବେଷଣା, ସମ୍ପ୍ରସାରଣ କର୍ମଶାଳା

**ଜି.ଉଦୟଗିରି,୨୭।୪(ଡି.ଏନ.ଏ.)**

ଜି.ଉଦୟଗିରି ଆଞ୍ଚଳିକ କୃଷି ଗବେଷଣା ଓ ସମ୍ପ୍ରସାରଣ କେନ୍ଦ୍ରରେ ଶନିବାର କ୍ଷେତ୍ରୀୟ ଗବେଷଣା ଓ ସମ୍ପ୍ରସାରଣକର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଗବେଷଣା ଓ ତା'ର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ନର୍ଥ ଇଷ୍ଟର୍ନ ଜୋନରେ ଥିବା କନ୍ଧମାଳ, ଗଜପତି, ରାୟଗଡ଼ା ଓ ଗଞ୍ଜାମ ଜିଲାର କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକମାନେ ଆଲୋଚନାରେ ଭାଗ ନେଇଥିଲେ। କୃଷି ଗବେଷଣା କେନ୍ଦ୍ର ସହଯୋଗୀ ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର କୁମାର ଦେବତାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅନ୍ତଚାଷ, ହଳଦୀ ଓ ମକା ଉପରେ ଆଲୋଚନା ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ଜି.ଉଦୟଗିରିର ମୁଖ୍ୟ ବୈଜ୍ଞାନିକ ଡ଼. ଦେବାଶିଷ ମିଶ୍ର, ଜିଲା କୃଷି ଉପନିର୍ଦ୍ଦେଶକ ପ୍ରଦୀପ କୁମାର ରଥ, ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ଦାଶ, ସୁଣ୍ଡାଞ୍ଚଳ ଚାଷ ଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼. ଦିଲ୍ଲୀପ କୁମାର ବସ୍ତିଆ, ଆତ୍ମା -କନ୍ଧମାଳ ଉପନିର୍ଦ୍ଦେଶକ ହେମନ୍ତ କୁମାର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜ ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଅକ୍ଷୟ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୈଜ୍ଞାନିକ ମୋହିତ ମୋହନ ବେହେରା ଧନ୍ୟବାଦ ଦେଇଥିଲେ ।

# ମାରୁତି କଲ୍ୟାଣ ମଣ୍ଡପରେ ନିଆଁ

**ଫୁଲବାଣୀ ଅଫିସ, ୨୭।୪**

■ଟେଇଁ ଶୋଇଛି ପ୍ରଶାସନ
■ଘଟଣା ଚପାଇବାକୁ ଉଦ୍ୟମ

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ହାଟପଦାରେ ଥିବା ବେଆଇନଭାବେ ଗଢି ଉଠିଥିବା ମାରୁତି କଲ୍ୟାଣ ମଣ୍ଡପରେ ଶନିବାର ପୂର୍ବାହ୍ନରେ ନିଆଁ ଲାଗିଛି । ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଛି । ଠିକ୍ ସମୟରେ ଅଗ୍ନିଶମ କର୍ମଚାରୀ ପହଞ୍ଚିବାରୁ ବଡ ଧରଣର ଅଗ୍ନିକାଣ୍ଡକୁ ଏଡାଇ ଦିଆଯାଇଛି । ହାଟ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ପୌର ପରିଷଦ ସହଯୋଗରେ ଏହି ମଣ୍ଡପ ଗଢ଼ି ଉଠିଥିବାରୁ ଏବେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଚାଲିଛି । ଘଟଣାକୁ ନେଇ ସାଧାରଣରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି। କାହା ଛତ୍ରଛାୟା ତଳେ ଏହି ମଣ୍ଡପ ବର୍ଷ ବର୍ଷ ଧରି ଚାଲିଛି ବୋଲି ସହରର ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ବଡ କଥା ହେଉଛି, ବିଦ୍ୟୁତ୍ ଖୁଣ୍ଟ ମଣ୍ଡପ ଭିତରେ ରହିଛି। ଖୁଣ୍ଟ ଚାରି ପଟେ ବାଉଁଶ ବାନ୍ଧି ପଲିଥିନ୍ ଘେରାଇ ମଣ୍ଡପ ନିର୍ମାଣକୁ ବିଦ୍ୟୁତ୍ ବିଭାଗ କିପରି ଦେଖି ପାରୁ ନ ଥିଲା।

ସହରର ଜନଗହଳିପୂର୍ଣ୍ଣ ହାଟପଦାରେ ବେଆଇନ ଭାବେ ମାରୁତି କଲ୍ୟାଣମଣ୍ଡପ ପ୍ରାୟ ୪/୫ ବର୍ଷ ହେବ ଗଢ଼ି ଉଠିଛି। ଏଠି ବିବାହ, ଭୋଜିଠାରୁ ଆରମ୍ଭ କରି ବଡ ବଡ କାର୍ଯ୍ୟକ୍ରମ ହୋଇଥାଏ । ଭଡାରେ ଛୋଟବଡ ବ୍ୟବସାୟୀ ପ୍ରତିଷ୍ଠାନକୁ ମଣ୍ଡପ ମଧ ଦିଆଯାଏ। ଏଥିରୁ ମୋଟା ପ୍ରତିଶତ ପ୍ରଶାସନିକ ଅଧିକାରୀଙ୍କ ପକେଟକୁ ଯାଏ। ଏହାର ସୁରକ୍ଷା ଉପରେ କେହି ପ୍ରଶାସନିକ ଅଧିକାରୀ କିଛି କାର୍ଯ୍ୟାନୁଷ୍ଠାନ ନିଅନ୍ତି ନାହିଁ । ଯଦି କିଏ ପଚାରେ ଆମେ ଚିଠି କରିଛୁ ବୋଲି ଉତ୍ତର ଦିଅନ୍ତି । ଗତ ୪ ମାସ ହେଲା ଅଗ୍ନିଶମ ବିଭାଗ ଫାୟାର ସେଫ୍‌ଟି ସାର୍ଟିଫିକେଟ ପାଇଁ ଚିଠି କରିଥିବା ଜଣାଯାଇଛି । ଶନିବାର ନିଆଁ ଲାଗିବା ପରେ ପରେ ବିଦ୍ୟୁତ୍ ବିଭାଗ ତତ୍ପର ହୋଇ ଉଠିଛି । ଘଟଣା ସମ୍ପର୍କରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ସାହୁଙ୍କୁ ପଚାରିବାରୁ ବିଦ୍ୟୁତ୍ ଖୁଣ୍ଟ ଚାରିପଟେ କେଉଁ ଆଧାରରେ ମଣ୍ଡପ ତିଆରି ହୋଇଥିଲା, କେତେ ଦିନ ପାଇଁ ପରିମିଶନ ଦିଆଯାଇଥିଲା, ସେ ବିଷୟରେ ଜାଣିବା ପାଇଁ ଚିଠି କରିବୁ, ଉତ୍ତର ମିଳିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କୁ ପଚାରିବାରୁ ୪ ମାସ ପୂର୍ବରୁ ଆମେ ଫାୟାର ସେଫ୍‌ଟି ନେଇ ଚିଠି କରିଛୁ। ସେ କିଛି ଉତ୍ତର ଦେଇ ନାହାନ୍ତି, କି ଆମକୁ ଭେଟି ନାହାନ୍ତି । ଶନିବାର ନିଆଁ ଲାଗିଲା । ଆମେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି। ପୌରପରିଷଦ ନିର୍ବାହୀ ଅଧିକାରୀ ରାଧାମୋହନ ବେହେରାଙ୍କୁ ପଚାରିବାରୁ ଆମେ ଲିଜ୍ ଦେଇଛୁ। ସେଠାରେ କୌଣସି ସମସ୍ୟା ହେଲେ ସେମାନେ ବୁଝିବେ ବୋଲି ସେ କହିଛନ୍ତି ।


ମଣ୍ଡପ ପଲିଥିନ ପୋଡି ଯାଇଛି ।

## ସେଲ୍‌ଫି କର୍ଣ୍ଣର



କେଶବ


ଶିବ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୨୮।୪।୨୦୧୯ (ରବିବାର)
- ପଞ୍ଚଠାକୁରାଣୀଙ୍କ ଘଟ ପରିକ୍ରମା। ସ୍ଥାନ- ବୁଗୁଡ଼ା ଏନ୍‌ଏସିର ଗୋଲାସାହି, ମହାପାତ୍ର ସାହି, ଅନ୍ଧରିଆସାହି, ନୂଆସାହି, ଧୋବାସାହି, କୁମ୍ଭାର ସାହି, ହରିଜନ ସାହି, ସମୟ- ରାତି ୮ଟା।
- ଆଇନଜୀବୀ ଦିବସ ଉପଲକ୍ଷେ ଆଲୋଚନା ସଭା। ସ୍ଥାନ- ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ- ସକାଳ ୯ଟା।
- ଭାରତୀୟ ବିକାଶ ପରିଷଦର ଖବରଦାତା ସମ୍ମିଳନୀ। ସ୍ଥାନ-ବିଜିପୁର ଜଗନ୍ନାଥ ମନ୍ଦିର ଭକ୍ତି ମଣ୍ଡପ, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା।
- ମଧୁବାବୁ ଜୟନ୍ତୀ। ସ୍ଥାନ-ଗାନ୍ଧୀନଗର ଛକ, ସମୟ-ସକାଳ ୭ଟା।
- ରକ୍ତଦାନ ଶିବିର। ସ୍ଥାନ-ଏମ୍‌କେସିଜି ରକ୍ତଭଣ୍ଡାର, ସମୟ-ସକାଳ ୮ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ। ସ୍ଥାନ-ଜେଲ ପଡ଼ିଆ, ସମୟ- ସନ୍ଧ୍ୟା ସାଢ଼େ ୬ଟା।

### ୨୯।୪।୨୦୧୯ (ସୋମବାର)
- ପଞ୍ଚମହାଶକ୍ତିଙ୍କ ସାହି ପରିକ୍ରମା। ସ୍ଥାନ- ବୁଗୁଡ଼ା ଏନ୍‌ଏସିର ୩ ଶାସନ, ସମୟ- ରାତି ୮ଟା।
- ସ୍ୱାସ୍ଥ୍ୟ ସୁପରଭାଇଜରମାନଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ-ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ- ପୂର୍ବାହ୍ନ ୧୦ଟା।
- ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ଗ୍ରାମ, ସମୟ- ସକାଳ ୮-୧୦ଟା।

### ୩୦।୪।୨୦୧୯ (ମଙ୍ଗଳବାର)
- ବିହନ ବିଶୋଧନ ସମ୍ପର୍କିତ ତାଲିମ୍ ଶିବିର। ସ୍ଥାନ-ଖଦାଳପଲ୍ଲୀ, ସମୟ- ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ ଓ ଘୃତଯଜ୍ଞର ପୂର୍ଣ୍ଣାହୁତି। ସ୍ଥାନ- ଜି.ଉଦୟଗିରି ନିକଟସ୍ଥ କଣବାଗେରୀ ସୁନ୍ଦରବାନ, ସମୟ- ସକାଳ ୧୦ଟା।
- ଓକିଲ ସଂଘପକ୍ଷରୁ କୋର୍ଟ ବର୍ଜନ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ। ସ୍ଥାନ- ଦିଗପହଣ୍ଡି ଜେଏମ୍‌ଏଫ୍‌ସି କୋର୍ଟ ପରିସର, ସମୟ- ସକାଳ ୮ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ, ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।

### ୧।୫।୨୦୧୯ (ବୁଧବାର)
- ପଞ୍ଚମହାଦେବୀଙ୍କ ଘଟ ପରିକ୍ରମା। ସ୍ଥାନ-ବୁଗୁଡ଼ା ଏନ୍‌ଏସିର ୪ନଂ.ୱାର୍ଡ , ସମୟ- ରାତି ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅର୍ଦ୍ଧବିଂଶତମ ବାର୍ଷିକ ଉତ୍ସବ। ସ୍ଥାନ- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣ, ଜି.ଉଦୟଗିରି, ସମୟ- ଅପରାହ୍ନ ୪ଟା।
- ବିଶ୍ୱ ଶ୍ରମିକ ଦିବସ ଅବସରରେ ସଭା ଓ ଶୋଭାଯାତ୍ରା। ସ୍ଥାନ- ଦିଗପହଣ୍ଡି ବଜାର ଗାନ୍ଧୀ ଛକ, ସମୟ- ସକାଳ ୯ଟା।
- ଆଇନ ସଚେତନତା ସଭା। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ ସମୟ- ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଆଲୋଚନା ଚକ୍ର। ସ୍ଥାନ- ବ୍ଲକ ସମ୍ମିଳନୀ କକ୍ଷ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ଓ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୯ଟା।

### ୨।୫।୨୦୧୯ (ଗୁରୁବାର)
- ପଞ୍ଚଠାକୁରାଣୀଙ୍କ ଘଟପରିକ୍ରମା। ସ୍ଥାନ- ବୁଗୁଡ଼ା ଏନ୍‌ଏସି ୫ନଂ. ୱାର୍ଡ, ସମୟ- ରାତି ୮ଟା।
- ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଶିବିର। ସ୍ଥାନ- ବମକେଇ, ସମୟ- ପୂର୍ବାହ୍ନ ୧୦ଟା।
- ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ପାଠଚକ୍ର। ସ୍ଥାନ-ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ-ସନ୍ଧ୍ୟା ସାଢ଼େ ୬ଟା।

### ୩।୫।୨୦୧୯ (ଶୁକ୍ରବାର)
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକର ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।
- ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଶିବିର ଓ ଚାଷୀ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଗୌଡ଼ଗାଁ, ଦିଗପହଣ୍ଡି, ସମୟ- ସକାଳ ୯ଟା।

### ୪।୫।୨୦୧୯ (ଶନିବାର)
- ବାହ୍ୟମଳମୁକ୍ତ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ-କିରିଆମ୍ବା, ସମୟ- ସକାଳ ୮ଟା।
- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ସମୀକ୍ଷା ବୈଠକ। ସ୍ଥାନ- ସିଦ୍ଧେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ସରକାରୀ ଯୋଜନା ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସଭାଗୃହ, ସମୟ- ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୮ ସାହି ପରିକ୍ରମା କଲେ ପଞ୍ଚ ଠାକୁରାଣୀ



**ବୁଗୁଡ଼ା,୨୭।୪(ଡି.ଏନ.ଏ.):** ବୁଗୁଡ଼ାରେ ପଞ୍ଚ ଠାକୁରାଣୀ ଯାତ୍ରା ଶନିବାର ପଞ୍ଚମ ଦିନରେ ପହଞ୍ଚିଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶନିବାର ପଞ୍ଚ ଠାକୁରାଣୀ ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ୮ଟି ସାହି ପରିକ୍ରମା କରିଛନ୍ତି। ପୂଜା ମଣ୍ଡପରେ ନୀତି ଅନୁସାରେ ସାଲା ସଂସ୍କାର, ମଣ୍ଡଳ ପୂଜା, ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର ପୂଜା ସହ ଚଣ୍ଡୀପାଠ କରାଯାଇଥିଲା। ଅପରାହ୍ନରେ ଘୃତଯଜ୍ଞର ମଧ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସନ୍ଧ୍ୟା ୭ଟାରେ ପଞ୍ଚ ମହାଶକ୍ତିଙ୍କ ୧୦୮ ଆଳତି ହୋଇଥିଲା। ପରେ ମାନସିକଧାରୀମାନେ ସ୍ଥିରୀକୃତ ହେବାକୁ ଥିବା ବିଭିନ୍ନ ଘଟ ମସ୍ତକରେ ଧରିଥିଲେ । ବାଦ୍ୟବାଜଣା, ହରିବୋଲ ହୁଳହୁଳି ମଧ୍ୟରେ ମା' ମାଳିଖୋଲା, ମା' ନାରାୟଣୀ, ମା' ବ୍ୟାଘ୍ରଦେବୀ, ମା' ମାଉଁଦେଇ ଓ ମା' ବୁଢ଼ୀ ଠାକୁରାଣୀଙ୍କ ପବିତ୍ର ଘଟ ରାତି ୮ଟାରେ ଅନ୍ଧାରିଆ ସାହି, ନବଗୁଞ୍ଜର ସାହି, ଟୁଣୁଟୁଣିଆ ସାହି, ଇରିଗେଶନ କଲୋନି, ମେଡିକାଲ କଲୋନି, ବ୍ଲକ କଲୋନି, ପ୍ରେମଚାନ୍ଦ ନଗର ଓ ମହୁଲିଆ ତୋଟା ସାହି ପରିକ୍ରମା କରିଥିଲା । ଉଲ୍ଲାସର ସହ ଲୋକେ ଘଟ ପରିକ୍ରମା ସମୟରେ ନିଜ ନିଜର ଦ୍ୱାର ଦେଶରେ ପୂର୍ଣ୍ଣକୁମ୍ଭ, ଧୂପ ଦୀପ ସହ ପୂଜା ଭୋଗ ବାଢ଼ି ପଞ୍ଚ ମହାଦେବୀଙ୍କୁ ସ୍ୱାଗତ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

### ବିଦେଶୀ ମଦ ଜବତ, ୨ ଗିରଫ



**ଫିରିଙ୍ଗିଆ, ୨୭।୪ :** ଫିରିଙ୍ଗିଆ ଥାନା ପୋଲିସ ଶନିବାର ମୁଣ୍ଡାସାହିଠାରେ ଚଢ଼ାଉ କରି ଏକ ଅଟୋରୁ ବିଦେଶୀ ମଦ ଜବତ ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଦ ବ୍ୟବସାୟୀ ଅଶୋକ କୁମାର ସାହୁ ଓ ଅଟୋ ଚାଳକ ଶ୍ରଦ୍ଧା ମଲ୍ଲିକ । ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଅଟୋ (ନଂ. ଓଡି୧୨ବି-୮୬୯୦) ଯାଞ୍ଚ କରିବାରୁ ସେଥିରୁ ବିଭିନ୍ନ ବ୍ରାଣ୍ଡର ୩୫.୭୬୦ ଲିଟର ବିଦେଶୀ ମଦ ମିଳିଥିଲା। ଉକ୍ତ ମଦ ଜବତ କରାଯାଇଛି। ଏ ନେଇ ଥାନାରେ ନଂ.୩୮/୧୯ ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

### କୀଟନାଶକ ପିଇ ଛାତ୍ରୀ ଗୁରୁତର

ଦିଗପହଣ୍ଡି,୨୭।୪(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଅଧିନ ଏକ ଗାଁର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଶନିବାର ଅପରାହ୍ନରେ କୀଟନାଶକ ପିଇ ଗୁରୁତର ହୋଇଛନ୍ତି। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଛାତ୍ରୀ ଜଣକ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ବୋଲି ଡ. ସୁପ୍ରଭା ସାହୁ ଜଣାଇଛନ୍ତି।

# ହିଂସା କମାଉଛି ମତଦାନ ହାର

## ଆଇନ ନିର୍ମାତା ହେବା ପୂର୍ବରୁ ଭାଙ୍ଗୁଛନ୍ତି ଆଇନ

**ଜ୍ୟୋତିରଞ୍ଜନ ମହାପାତ୍ର**
**ଭୁବନେଶ୍ୱର,୨୭।୪ (ବ୍ୟୁରୋ)**

ରାଜ୍ୟରେ ତିନୋଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖରେ ୬ ଲୋକ ସଭା ଏବଂ ୪୧ ବିଧାନସଭା ଆସନରେ ହେବ। ବିଧାନସଭାରେ ବିଧାୟକ ଓ ସଂସଦରେ ସାଂସଦମାନେ ଆଇନ ପ୍ରଣୟନ କରନ୍ତି। ସେମାନଙ୍କୁ ଆଇନ ନିର୍ମାତା ବୋଲି କୁହାଯାଏ। ହେଲେ ସେମାନଙ୍କ ମଧ୍ୟରୁ ଅନେକେ ନିର୍ବାଚନ ସମୟରେ ଆଇନ ହାତକୁ ନେଉଛନ୍ତି। ହିଂସା ସୃଷ୍ଟି କରି ବିଜୟୀ ହେବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କ ଏଭଳି କାର୍ଯ୍ୟ ଦ୍ୱାରା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଥିବାରୁ ମତଦାନ ହାର ହ୍ରାସ ଘଟୁଛି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ସୁଦ୍ଧା ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ଯେଉଁଥିରେ ଅନେକ ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆସିଛି। ୨ୟ ପର୍ଯ୍ୟାୟରେ ଗଞ୍ଜାମ ଜିଲା ସୋରଡା ବ୍ଲକ ବୋରସିଙ୍ଗି ପଞ୍ଚାୟତର ରେଣ୍ଟି ବୁଥ୍‌ରେ ମତଦାନ ଚାଲିଥିବାବେଳେ ଭାଜପା ପ୍ରାର୍ଥୀ ନୀଳମଣି ବିଶୋୟୀ ୧୦ରୁ ଉର୍ଦ୍ଧ୍ୱ ସହଯୋଗୀଙ୍କ ସହ ଜବରଦସ୍ତ ବୁଥରେ ପଶି ପୋଲିଂ କର୍ମଚାରୀଙ୍କୁ ମାଡ଼ ଓ ଇଭିଏମ୍ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା(ନଂ.୫୭/୨୦୧୯) ରୁଜୁ କରାଯାଇ ନୀଳମଣିଙ୍କୁ ଗିରଫ କରାଯାଇଥିଲା। ୩ୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ୨୧ତାରିଖ ରାତିରେ ପିପିଲିର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ମହାରଥୀଙ୍କ ଫାର୍ମ ହାଉସରେ ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ କରିବା ସମୟରେ ସେମାନଙ୍କ ଉପରକୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେଥିରେ ମହାରଥୀ ନିଜେ ଏବଂ ତାଙ୍କ କେତେଜଣ ସହଯୋଗୀ ସମ୍ପୃକ୍ତ ଥିବାନେଇ ଅଭିଯୋଗ ହେବା ପରେ ୯୨/୧୯ରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ପରେ ମହାରଥୀଙ୍କୁ ୨୨ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ତୃତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅଧୀନ ବୀରକେଶରପୁର ଗ୍ରାମସ୍ଥିତ ବଳଭଦ୍ର ନୋଡାଲ ବିଦ୍ୟାଳୟର ୭୮ନଂ. ବୁଥ୍‌ରେ ମଧ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ଓ ତାଙ୍କ ସହଯୋଗୀ ଉକ୍ତ ବୁଥ ଭିତରେ ପଶି ପୋଲିଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା, ଇଭିଏମ୍ ଭାଙ୍ଗିବା ଅଭିଯୋଗ ହୋଇଛି। ଏନେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ୩୭/୧୯ ରୁଜୁ ହୋଇଥିଲା। ଓମ୍‌ପ୍ରକାଶ ଫେରାର ଥିବାରୁ ତାଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି ହୋଇଛି। ନିର୍ବାଚନରେ ନେତାମାନଙ୍କ ଆପରାଧିକ କାର୍ଯ୍ୟକଳାପ ଭାରତ ପରି ଏକ ବିଶାଳ ଗଣତନ୍ତ୍ର ଦେଶ ପାଇଁ ବିପଦ ସୃଷ୍ଟି କରୁଛି। ନେତାଙ୍କ ଏଭଳି ଆଚରଣ ସମ୍ପର୍କରେ ଜନସାଧାରଣ, ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି।

### ହିଂସା ଯୋଗୁ ମତଦାନ ପ୍ରଭାବିତ



ତିନି ପର୍ଯ୍ୟାୟ ନିର୍ବାଚନ ସମୟରେ ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଲା। କେତେଜଣ ନେତା ଓ ସେମାନଙ୍କ ସହଯୋଗୀ ହିଂସା ପରାୟଣ ହୋଇଉଠିଲେ। ତାହା ସାଧାରଣରେ ଆତଙ୍କ ସୃଷ୍ଟି କରିଥିବାରୁ ମତଦାନ ପ୍ରଭାବିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଶେଷ କରି ନିର୍ବାଚନ ପୂର୍ବରୁ ଭୁବନେଶ୍ୱର-ମଧ ନିର୍ବାଚନମଣ୍ଡଳୀର ଦୁଇ ପ୍ରାର୍ଥୀଙ୍କ ଉପରକୁ ବୋମାମାଡ଼ ଓ ପରସ୍ପରକୁ ଦୋଷାରୋପ ଦେଖିବାକୁ ମିଳିଥିଲା। ତାହାର ପ୍ରଭାବ ସ୍ୱରୂପ ମତଦାନ ଆଶାଜନକ ହୋଇପାରିଲା ନାହିଁ। ରାଜଧାନୀର ୩ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଭୁବନେଶ୍ୱର-ମଧ ଆସନରେ ସବୁଠୁ କମ୍ ମତଦାନ ହୋଇଥିଲା। ଏଣୁ ହିଂସା ଓ ଭୟ ରୋକା ନ ଯିବା ପର୍ଯ୍ୟନ୍ତ ମତଦାନ ହାର ବୃଦ୍ଧି ଆଶା ବୃଥା। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ହିଁ ଆଇନ ହାତକୁ ନେଉଥିବା ନେତାଙ୍କୁ ନିୟନ୍ତ୍ରଣ କରିହେବ।

**– ଆକାଶ ଗଡନାୟକ, ସାମାଜିକ କର୍ମୀ**

### ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ଅଭିଯୁକ୍ତ ନେତାଙ୍କୁ ସୁହାଉଛି



ରାଜନୈତିକ ଦଳଗୁଡ଼ିକର କେତେଜଣ ପ୍ରାର୍ଥୀ ବ୍ୟକ୍ତିଗତ ଫାଇଦା ପାଇଁ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଉଛନ୍ତି। ହେଲେ ସେହି ନେତାମାନଙ୍କ ବିରୋଧରେ ହେଉଥିବା ଗୁରୁତର ଅଭିଯୋଗ ସମ୍ପର୍କିତ ମାମଲା ବହୁ ବର୍ଷ ଧରି ନ୍ୟାୟାଳୟରେ ପଡ଼ି ରହୁଛି। ଫଳରେ ପ୍ରାୟତଃ ସାକ୍ଷୀମାନେ ପ୍ରଭାବିତ ହୋଇଯାଉଛନ୍ତି। ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ଅଭିଯୁକ୍ତ ନେତାମାନଙ୍କୁ ସୁହାଉଛି ଏବଂ ସେମାନେ ଖସିଯାଉଛନ୍ତି। ତେଣୁ ନ୍ୟାୟ ମିଳିବାରେ ଯେଉଠି ବିଳମ୍ବ ହେଉଛି ସେଠାରେ ଅନ୍ୟାୟ ହେଉଛି ବୋଲି କହିପାରିବା। ଆଇନ ହାତକୁ ନେବାକୁ ଚେଷ୍ଟା କରୁଥିବା ନେତାମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଗଲେ ଗଣତନ୍ତ୍ର ସୁରକ୍ଷିତ ରହିପାରିବ। ହେଲେ ଏଥିପାଇଁ ଏଭଳି ମାମଲାଗୁଡ଼ିକର ତ୍ୱରିତ୍ ବିଚାର ଆବଶ୍ୟକ।

**– ବିସ୍ମୟ ଷ୍ଟାଲିନ, ହାଇକୋର୍ଟ ଆଇନଜୀବୀ**

### ଜନବଳ, ଧନବଳ ଏବେ ଆବଶ୍ୟକତା ହୋଇଛି



ବର୍ତ୍ତମାନ ସମୟରେ ନିର୍ବାଚନ ଲଢିବା ପାଇଁ ଜନବଳ ଏବଂ ଧନବଳ ଆବଶ୍ୟକତା ହୋଇଛି। ତେଣୁ ଭଦ୍ର ଲୋକଟିଏ ଅଥବା ଦକ୍ଷତା ଏବଂ କାର୍ଯ୍ୟ କରିବାର ଉଦ୍ଦେଶ୍ୟ ରଖିଥିବା ବ୍ୟକ୍ତି ରାଜନୀତିକୁ ଆସିପାରୁନାହାନ୍ତି। ଏଡିଆର ରିପୋର୍ଟ ଅନୁସାରେ ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ବିଭିନ୍ନ ଦଳ ତରଫରୁ ଟିକେଟ ଦିଆଯାଉଛି। ଫଳରେ ନିର୍ବାଚନ ବେଳେ ଅପରାଧ ଘଟାଉଥିବା ନେତା ଓ ତାଙ୍କ ସମର୍ଥକଙ୍କୁ ଅଟକାଇବା ପାଇଁ ପ୍ରୟାସ କରୁଥିବା ବ୍ୟକ୍ତି, ସରକାରୀ ଅଧିକାରୀ ଆକ୍ରୋଶର ଶିକାର ହେଉଛନ୍ତି। ସଭ୍ୟ ସମାଜରେ ହିଂସାର କୌଣସି ସ୍ଥାନ ନାହିଁ। ଯେଉଁମାନେ ଏହାକୁ ଭଙ୍ଗ କରୁଛନ୍ତି ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**– କମଳାକାନ୍ତ ଦାସ, ପ୍ରଫେସର, ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟ**

### ଗତିବିଧି ଉପରେ ନଜର ରଖିଛି ପୋଲିସ



ନିର୍ବାଚନ ସମୟରେ ଯେଉଁମାନେ ଆଇନକୁ ହାତକୁ ନେଇଛନ୍ତି ସେମାନଙ୍କୁ ଗିରଫ କରାଯାଇଛି। ଏଥିରେ କୌଣସି ପକ୍ଷପାତିତା କରାଯାଇନାହିଁ। ହିଂସାରେ ସମ୍ପୃକ୍ତ ଥିବା ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ନେଇ ଉଦ୍ୟମ ଚାଲିଛି। ପୋଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିଛି। ଏହାଛଡ଼ା ଶେଷ ପର୍ଯ୍ୟାୟ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାରେ ସରିବ ସେ ନେଇ ସମସ୍ତ ବୁଥ୍‌ରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୪ର୍ଥ ପର୍ଯ୍ୟାୟ ନିର୍ବାଚନବେଳେ ଜନସାଧାରଣ କୌଣସି ପ୍ରକାର ଚାପରେ ନ ରହି ଭୋଟ ଦାନ କରନ୍ତୁ। ଯଦି କୌଣସି ପ୍ରକାର ଚାପ ରହୁଛି, ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ।

**–ରାଜେନ୍ଦ୍ର ପ୍ରସାଦ ଶର୍ମା, ଡିଜିପି**

## ଜେଲରେ ନୀଳମଣି: ସାକ୍ଷାତ କଲେ ଭାଜପା ପ୍ରତିନିଧି ଦଳ



ଭାଜପାର ୧୧ଜଣିଆ ପ୍ରତିନିଧି ଦଳ।

**ସୋରଡ଼ା,୨୭।୪(ଡି.ଏନ୍.ଏ)**

ସୋରଡ଼ା ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କୁ ସାକ୍ଷାତ କରିବା ପାଇଁ ରାଜ୍ୟ ଭାଜପାର ୧୧ଜଣିଆ ପ୍ରତିନିଧି ଦଳ ଶନିବାର ସୋରଡା ଗସ୍ତ କରିଥିଲେ। ରାଜ୍ୟ ଉପସଭାପତି ଯତୀନ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ମୁଖପାତ୍ର ହିତେଶ ମହାପାତ୍ର, ଆସିକା ଲୋକସଭା ପ୍ରାର୍ଥିନୀ ଅନିତା ପ୍ରିୟଦର୍ଶିନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ପଣ୍ଡା, ଜିଲା କାର୍ଯ୍ୟକାରିଣୀ ରାଧା ମୋହନ ସ୍ୱାଇଁ, ନଗର ସଭାପତି ହରିହର ପଣ୍ଡା, ରାଜେଶ ପଟ୍ଟନାୟକ, ମଣ୍ଡଳ ସଭାପତି ବାସୁଦେବ ସାହୁ, ଯୁବନେତା କବି ସ୍ୱାଇଁ, ସୁରୀ ସାହୁ, ଆଇନଜୀବୀ ପ୍ରଦୀପ ଶେଖର ପାଳ ପ୍ରମୁଖ ସ୍ଥାନୀୟ ସବ୍‌ଜେଲକୁ ଯାଇ ନୀଳମଣିଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ମହାନ୍ତି କହିଥିଲେ ରାଜ୍ୟରେ ପରିବର୍ତ୍ତନ ତଥା ଡବଲ ଇଞ୍ଜିନ ସରକାର ହେବାକୁ ଯାଉଛି ତେଣୁ ଅନ୍ୟ ଦଳମାନେ ପରାଜୟ ଭୟରେ ରକ୍ତମୁଖା ହୋଇପଡ଼ିଛନ୍ତି। ନୀଳମଣି ଶୀଘ୍ର ମୁକୁଳିବେ, ରାଜ୍ୟର ସଙ୍ଗଠନ ଅଞ୍ଚଳର ବିକାଶ, ସାମୂହିକ ଉନ୍ନତି ପାଇଁ ଅଗ୍ରସର ଜାରି ରହିବ ବୋଲି କହିଥିଲେ। ପ୍ରିୟଦର୍ଶିନୀ କହିଥିଲେ ଜନସାଧାରଣଙ୍କ ମତ ପରିବର୍ତ୍ତନ ହୋଇସାରିଛି ଜନାଦେଶ ଭାଜପା ସପକ୍ଷରେ ଯାଇଛି ତେଣୁ ଚକ୍ରାନ୍ତ କରି ହଇରାଣ କରିଲେ କିଛି ଲାଭ ମିଳିବନି। ଆଉ ମାତ୍ର ୨/୪ ଦିନ ପରେ ନୀଳମଣି ସମସ୍ତଙ୍କ ପାଖକୁ ଆସିବାର ସମ୍ଭାବନା ରହିଛି, ଜାମିନ ମିଳିବାର ଆଶା କରାଯାଉଛି ବୋଲି କହିଥିଲେ। ଗୋବିନ୍ଦ ପାଢୀ, ଟୁଟୁ ସାହୁ, ପାଣ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲେ।

## ବେଆଇନ ଇଟାଭାଟି ନିର୍ମାଣକୁ ସରପଞ୍ଚଙ୍କ ବିରୋଧ

**ଗଞ୍ଜାମ,୨୭।୪(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତରେ ପ୍ରଶାସନ ଓ ଗ୍ରାମପଞ୍ଚାୟତର ବିନା ଅନୁମତିରେ ବେଆଇନ ଭାବେ ଇଟାଭାଟି ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଜଙ୍ଗଲ ପାର୍ଶ୍ୱରେ ଏହା ନିର୍ମାଣ ହେଉଥିବା ଯୋଗୁ ନିଆଁ ଝାସରେ ଗଛ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଥିବା ବେଳେ ମୃତ୍ତିକା ଅବକ୍ଷୟ ମଧ୍ୟ ହେଉଛି। ଏ ନେଇ ମଲାଡ଼ ସରପଞ୍ଚ ପ୍ରଭାତ କୁମାର ସେଠୀ ଗତ ୪ ଜାନୁୟାରୀରେ ରାଜ୍ୟ ପ୍ରଦୂଷଣ ବୋର୍ଡ, ଛତ୍ରପୁର ଉପଜିଲାପାଳ ଏବଂ ଗଞ୍ଜାମ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବିନା ଅନୁମତିରେ ଏହା କରିଥିବାରୁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ପାଇଁ ଦାବି କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦାବିପତ୍ର ଦେବାର ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ଦ୍ୱାରା ବାୟୁ ପ୍ରଦୂଷଣ ହୋଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିସହ ନିକଟସ୍ଥ କାଜୁ ବଉଳ ଉପରେ ଏହାର ପ୍ରଭାବ ପଡୁଛି ଏବଂ ଆମ୍ବ ବଉଳ ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ଏ ସମ୍ପର୍କରେ ତହସିଲଦାର ଅବନୀ କୁମାର ସାହୁଙ୍କୁ ପଚାରିବାରୁ କେତେକ ବେଆଇନ୍ ଇଟାଭାଟି ଗୁଡ଼ିକୁ ସିଲ କରାଯାଇଛି। ଏହା ଜାରି ରହିବ ବୋଲି ସେ କହିଛନ୍ତି।



ବେଆଇନ ଇଟାଭାଟି।

## ବାଲ୍ୟ ବିବାହ ରୋକିପାରିଲାନି ପ୍ରଶାସନ

**ଦିଗପହଣ୍ଡି,୨୭।୪(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଶୁକ୍ରବାର ଏକ ବାଲ୍ୟ ବିବାହ ହୋଇଥିଲେ ମଧ୍ୟ ପ୍ରଶାସନ ଏହାକୁ ରୋକିପାରିନି। ନାବାଳିକା ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିବାରୁ ଚାଇଲ୍ଡ ଲାଇନ ପକ୍ଷରୁ ଏହାକୁ ବନ୍ଦ କରିବା ନିମନ୍ତେ ପ୍ରଶାସନର ସହଯୋଗ ନିଆଯାଇଥିଲା। ହେଲେ ପ୍ରଶାସନ ପହଞ୍ଚିବା ପୂର୍ବରୁ ବିବାହ ସାରି ନାବାଳିକାଙ୍କୁ ପରିବାର ଲୋକେ ପାତ୍ରପୁର ବ୍ଲକ ଜରଡ଼ା ଥାନା ଅଞ୍ଚଳର ବର ସହ ବିଦା କରିସାରିଥିଲେ। ତେଣୁ କୌଣସି ପଦକ୍ଷେପ ନିଆଯାଇ ପାରି ନ ଥିଲା। ଟୋଲ ଫ୍ରି ନମ୍ବରରୁ ଅଭିଯୋଗ ପାଇ ବ୍ରହ୍ମପୁର ଚାଇଲ୍ଡ ଲାଇନର କେନ୍ଦ୍ର ସଂଯୋଜକ ଶୁକ୍ରବାର ରାତିରେ ଏକ ବାଲ୍ୟ ବିବାହ ହେବାକୁ ଯାଉଥିବା ଦିଗପହଣ୍ଡି ସିଡିପିଓ ଯଶୋବନ୍ତୀ ସାହୁଙ୍କୁ ଜଣାଇଥିଲେ। ପରେ ସିଡିପିଓଙ୍କ ନେତୃତ୍ୱରେ ଚାଇଲ୍ଡ ଲାଇନ କର୍ମଚାରୀ ଓ ପୋଲିସକୁ ନେଇ ଏକ ଟିମ ଗଠନ ହୋଇଥିଲା। ତେବେ ଉକ୍ତ ଟିମ ଗ୍ରାମରେ ପହଞ୍ଚିଲା ବେଳକୁ ବର ସହ କନ୍ୟା ବିଦା ହୋଇସାରିଥିଲେ। ଝିଅ ଘର ଲୋକେ ବାଲ୍ୟ ବିବାହ ଅପରାଧ ସମ୍ପର୍କରେ ଅଜ୍ଞ ଥିବା ସିଡିପିଓଙ୍କ ଆଗରେ ପ୍ରକାଶ କରିଥିଲେ। ପୂର୍ବରୁ ପ୍ରଶାସନ ବାରଣ କରିଥିଲେ ସେମାନେ ବିବାହକୁ ସ୍ଥଗିତ ରଖି ପାରିଥାନ୍ତେ ବୋଲି କହିଥିଲେ। ଏହି ବିବାହକୁ ରୋକିବାରେ ପ୍ରଶାସନ ବିଫଳ ହୋଇଥିଲେ ମଧ୍ୟ ସ୍ଥାନୀୟ ଅନ୍ୟ ଲୋକଙ୍କୁ ନେଇ ବାଲ୍ୟ ବିବାହ ନିଷେଧ ଆଇନ ସମ୍ପର୍କରେ ଏକ ସଚେତନତା ସଭା କରି ଫେରିଛି ।

## ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

**ବୁଗୁଡ଼ା,୨୭।୪(ଡି.ଏନ.ଏ.)**

ବୁଗୁଡ଼ା ଥାନା ବି.କରଡ଼ାବାଡ଼ି ମୁଖ୍ୟ ସଡ଼କ ନିକଟରେ ଶନିବାର ସକାଳ ପ୍ରାୟ ୮ଟାରେ ବାଇକ୍‌ରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଲସରା ଥାନା ହାତୀଓଟ ଗ୍ରାମର ପ୍ରମିଳା ସ୍ୱାଇଁ (୫୦) । ଏ ନେଇ ବୁଗୁଡ଼ା ଥାନାରେ ନଂ. ୭୬/୧୯ରେ ଏକ ମାମଲା ରୁଜୁ ହେବା ସହ ବାଇକ୍ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ପୋଲସରା ଥାନା ମଧୁପଲ୍ଲୀ ଗ୍ରାମର ମିଥୁନ ପଲାଇ ବାଇକ୍‌ରେ ଶନିବାର ତାଙ୍କ ମା' ଓ ବଡ଼ମା' ପ୍ରମିଳାଙ୍କୁ ଧରି କୌଣସି ଏକ କାମରେ କରଚୁଲି ଅଭିମୁଖେ ଯାଉଥିଲେ। ହେଲେ ବି.କରଡ଼ାବାଡ଼ି ନିକଟରେ ପ୍ରମିଳା ବାଇକରୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ସହଯୋଗରେ ଏକ ଅଟୋରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରମିଳାଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ଅନୁସନ୍ଧାନ କରିବା ସହ ବାଇକ୍ ଚାଳକଙ୍କୁ ଥାନାରେ ଅଟକ ରଖିଛି ଏବଂ ପ୍ରମିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓକିଲ ସଂଘର ଧାରଣା

**ଦିଗପହଣ୍ଡି/ପାଟପୁର, ୨୭।୪(ଡି.ଏନ.ଏ.)**

ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଓ କର୍ମଚାରୀଙ୍କ ମନମୁଖି କାରବାର ପ୍ରତିବାଦରେ ଶନିବାର ସ୍ଥାନୀୟ ଓକିଲ ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ତହସିଲ କର୍ମଚାରୀଙ୍କ ପକ୍ଷରୁ ଦାଖଲ ଖାରଜ ମ୍ୟୁଟେଶନ ମାମଲାଗୁଡ଼ିକୁ ବର୍ଷ ବର୍ଷ ଧରି ସମାଧାନ ନ କରିବା, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରା ନ ଯିବା, ଜମି ସୀମା ସରହଦ ଚିହ୍ନଟ ଦରଖାସ୍ତ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା, ଜମି ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବ କରାଯିବା, ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ସମ୍ବନ୍ଧୀୟ ଦରଖାସ୍ତ ଗୁଡ଼ିକୁ ସୁପାରିଶ ପାଇଁ ପଦକ୍ଷେପ ନିଆ ନ ଯିବା, କର୍ମଚାରୀମାନେ ନିୟମିତ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା, ଓକିଲଙ୍କ ପକ୍ଷରୁ ଆଗତ ସତ୍ୟପାଠ ଗୁଡ଼ିକୁ ଜାଣିଶୁଣି ବିଳମ୍ବ କରାଯିବା ଆଦି ପ୍ରତିବାଦରେ ଓକିଲ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ସ୍ଥାନୀୟ ତହସିଲଦାର ଅମିତ କୁମାର ନାୟକଙ୍କୁ ୧୧ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତହସିଲଦାର ଓକିଲ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।। ସଂଘର ସଭାପତି ସଞ୍ଜୟ କୁମାର ପଣ୍ଡା, ଉପସଭାପତି ମନୋଜ ମହାପାତ୍ର, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ, କାର୍ଯ୍ୟକର୍ତ୍ତା ସୁରେଶ ଚନ୍ଦ୍ର ସାହୁ, ବିଜୟ କୁମାର ପ୍ରଧାନ, ପରେଶ ଚନ୍ଦ୍ର ରଥ, ପ୍ରଶାନ୍ତ ଡାକୁଆ, ରବୀନ୍ଦ୍ର ନାଥ ବେହେରା, କିଶୋର ଗୌଡ଼, ଯୁଧିଷ୍ଠିର ପାତ୍ର, ପ୍ରଶାନ୍ତ ବରାଡ଼, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସଂଘ କାର୍ଯ୍ୟକର୍ତ୍ତାଙ୍କ ଧାରଣା।



